# Akashvani, Sambalpur

## SAMBALPURI NEWS EVENING BULLETIN

**5 June 2025- 7.02 pm- 7.12 pm.**

**********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ପୁର୍‌ଥିର୍ ସବୁନୁ ଉଛା ଚେନାବ୍ ରେଲ୍‌ସେତୁର କର୍‌ବେ ଉଦ୍‌ଘାଟନ୍ ।

୨- ପ୍ଲାଷ୍ଟିକ୍ ପ୍ରଦୂଷଣ୍‌କେ ରୋକ୍‌ବାର୍ ବାର୍ତା ନେଇକରି ଆଏଜ୍ ପାଳନ୍ ହେଉଛେ ବିଶ୍ୱ ପରିବେଶ୍ ଦିବସ୍ ।

- ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲଗାଲେ ବର୍‌ଗଛ୍ ।

ଆଉର୍

୩- ଗଞ୍ଜାମ୍ ଜିଲ୍ଲା ନ ୨୮ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ୧୨ଟା ଶିଳ୍ପ ପ୍ରକଳ୍ପର୍ ଶିଳାନ୍ୟାସ୍ କଲେ ମୁଖ୍ୟମନ୍ତ୍ରୀ ।

ପ୍ରଧାନ୍‌ମନ୍ତ୍ରୀ-ଚେନାବ୍ ରେଲ୍‌ସେତୁ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଜମ୍ମୁ କାଶ୍ମୀର୍ ଚେନାବ୍ ନଦୀ ଠାନେ ପୁର୍‌ଥିର୍ ସବୁନୁ ଉଛା

ରେଲ୍‌ସେତୁ ଆଉ ଅଞ୍ଜି ଠାନେ ଦେଶର୍ ପହେଲା କେବୁଲ୍ ରେଲ୍‌ସେତୁ ଉଦ୍‌ଘାଟନ୍ କର୍‌ବେ । ଇତାର୍ ସହେତେ ବନ୍ଦେ ଭାରତ୍ ଟ୍ରେନ୍‌ର ଭିଲ୍ ଶୁଭାରମ୍ଭ କର୍‌ବେ ।

ନଦୀଠାନୁ ୩ ଶହ ୫୯ ମିଟର୍ ଉଚ୍ଚା ଚେନାବ ରେଲ୍‌ସେତୁ

ଫ୍ରାନ୍ସର ଆଇଫିଲ୍ ଟାୱାର୍ ଠାନୁ ଭିଲ୍ ୩୫ ମିଟର୍ ଉଚ୍ଚା ।

ଇ ସେତୁ ରାଜ୍ୟର୍ ଉଧମ୍‌ପୁର୍- ଶ୍ରୀନଗର୍-ବାରାମୁଲାକେ ଜୁଡ଼୍‌ବା ।

ବିଶ୍ୱ ପରିବେଶ୍ ଦିବସ-ପ୍ରଧାନମନ୍ତ୍ରୀ ଏନ୍‌ଏସ୍‌ଡି

ପ୍ଲାଷ୍ଟିକ୍ ପ୍ରଦୂଷଣ୍‌କେ ହରାବାର୍ ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ପରିବେଶ୍ ଦିବସ୍ । ପ୍ଲାଷ୍ଟିକ୍ ପ୍ରଦୂଷଣ୍‌ର କୁପରିଣାମ୍, ପ୍ଲାଷ୍ଟିକ୍‌ର ଅପବ୍ୟବହାର୍ ଆଉ ଜୀବଜଗତ୍ ସଙ୍ଗେ ମାନବ୍ ସ୍ୱାସ୍ଥ୍ୟ ଉପ୍‌ରେ ଇତାର୍ ବିନାଶ୍‌କାରୀ ପ୍ରଭାବ୍‌କେ ଦୂର୍ କର୍‌ବାର୍ ଲାଗି ଇ ଅବ୍‌ସରେ ଗୁରୁତ୍ୱ ଦିଆଯାଉଛେ ।

ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ନୂଆଦିଲ୍ଲୀ ଭଗ୍‌ବାନ୍ ମହାବୀର୍ ବନସ୍ଥଳୀ ପାର୍କ ଠାନେ ଏକ୍ ପେଡ଼୍ ମା କେ ନାମ୍ ଅଭିଯାନ୍‌ର ୨ ନମ୍ବର୍ ଖେପ୍ ମୁଲ୍ କରିକରି ଗୁଟେ ବର୍‌ଗଛ୍ ଜଗେଇଛନ୍ । ଇତାର୍‌ସହେତେ ଆରାବଲୀ ବନାଂଚଲ ନ ଆରାବଲୀ ସବୁଜ ପ୍ରାଚୀର ଯୋଜ୍‌ନାଥି

୭ ଶହ କିଲୋମିଟର୍ ଲମ୍ବା ବନୀକରଣ୍ ଅଭିଯାନ୍‌ର ମୁଲ୍ କରିଛନ୍ । ଇ ଯୋଜ୍‌ନା ଜରିଏ ସେନର୍ ଲୁକ୍‌କୁ ରୋଜ୍‌ଗାର୍ ଦେବାର୍ ଲକ୍ଷ୍ୟ ରଖାଯାଇଛେ । ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ଶୁଭେଛା ଜନେଇକରି କହିଛନ୍....

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ-ବିଶ୍ୱ ପରିବେଶ୍ ଦିବସ୍ I&PR

ରାଜ୍ୟ ସର୍‌କାର୍ ଇ ବଛର୍ ସାଢ଼େ ୭ କୋଟି ଗଛ୍ ଲଗାବାର୍‌କେ ଲକ୍ଷ୍ୟ ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ୍ ଦିବସ୍ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ପରିବେଶ୍ ସଂରକ୍ଷଣ ଆଉ ଜଲ୍‌ବାୟୁ ପରିବର୍ତନ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଝିରର୍ ଦିନ୍ ସମର୍ପିତ ଆଏ । ଓଡ଼ିଶା ନ ୫ ଶହ ୬୦ ବର୍ଗ କିଲୋମିଟର୍ ଜଙ୍ଗଲ୍ ବଢ଼ିଛେ । ଜନସାଧାରଣ୍ ଆଉ ଭିନ୍ ଭିନ୍ ଅନୁଷ୍ଠାନ୍ ୨ କୋଟିନୁ ଅଏତ୍‌କା ଗଛ୍ ଲଗେଇକରି ରେକର୍ଡ଼ କରିଛନ୍ । ଏକ୍ ପେଡ଼୍ ମା କେ ନାମ୍ ଅଭିଯାନ୍‌ଥି ରାଜ୍ୟ

ସର୍କାର୍ ୬ କୋଟିନୁ ଅଏତ୍କା ଗଛ୍ ଲଗେଇଛନ୍ । ଏକକ ବ୍ୟବହାର୍ ପ୍ଲାଷ୍ଟିକ୍ ନିଷେଧ କର୍ବାର୍ ସଙ୍ଗେ ଇତାର୍ ଦୀର୍ଘସ୍ଥାୟୀ ବିକଳ୍ପକେ ତହଁକାବାର୍ ଲାଗି ରାଜ୍ୟ ସର୍କାର୍ ପଦକ୍ଷେପ୍ ନେଇଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପରିବେଶ୍ ସଂରକ୍ଷଣ୍ କ୍ଷେତ୍ରଥି ପ୍ରଶଂସନୀୟ କାମ୍ କରିକରି ପୁରସ୍କୃତ ହେଇଥିବା ଶହେ ୮୫ ଝନ୍ ପ୍ରକୃତି ମିତ୍ର ଆଉ ୨ ଶହ ୧୧ ଝନ୍ ପ୍ରକୃତି ବନ୍ଧୁଙ୍କୁ ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ- ଗଞ୍ଜାମ୍ ଗସ୍ତ       ଛତ୍ରପୁର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନ୍କିଆ ଗଞ୍ଜାମ୍ ଗସ୍ତ କରିକରି ଜିଲ୍ଲା ନ ୨୮ ହଜାର୍ ଶହେ ୨୦ କୋଟି ଟଙ୍କାର୍ ୧୨ ଟା ଶିଳ୍ପ ପ୍ରକଳ୍ପର୍ ଶିଳାନ୍ୟାସ୍ କରିଛନ୍ । ଛତ୍ରପୁର୍ ଷ୍ଟାଡ଼ିୟମ୍ ଠାନେ ହେଇଥିବା ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଇ ସବୁ ପ୍ରକଳ୍ପ ଥାପ୍ନା ହେଲା ଉତ୍ରୁ ଜିଲ୍ଲା ନ ୧୫ ହଜାର୍ନୁ ଅଏତ୍କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା । ଗଞ୍ଜାମ୍ ଜିଲ୍ଲାର୍ ବିକାଶ୍ ଧାରା ତ୍ବରିତି ହେବାର୍ ସହେତେ ରାଜ୍ୟର୍ ଆର୍ଥିକ୍ ଅଭିବୃଦ୍ଧିଥି ଇଟା ସାହାଜ୍ କର୍ବା । ଇ ଅବ୍ସରେ

ମୁଖ୍ୟମନ୍ତ୍ରୀ ରମ୍ଭା ଠାନେ ଓଡ଼ିଶା ପ୍ରଦେଶ୍ ଗଠନ୍, ଭାଷା, ସାହିତ୍ୟ ଆଉ ସଂସ୍କୃତିର୍ ବିକାଶ୍ ଦିଗେ ଉଲ୍ଲେଖନୀୟ ଅବଦାନ୍ ରହିଥିବା ୪୧ ଝନ୍ ବରପୁତ୍ରଙ୍କର୍ ପ୍ରତିମୂର୍ତିକେ ଉନ୍ମୋଚନ୍ କରିଛନ୍ ।

ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ -ସମୀକ୍ଷା I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ଆୟୁକ୍ତ ଆଉ ଶାସନ୍ ସଚିବ ଜାମିନୀ ଷଡ଼ଙ୍ଗୀଙ୍କର୍ ଅଧ୍ୟକ୍ଷତାଥି ବିଭାଗ୍‌ର ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସବୁ ଜିଲ୍ଲା ନ ଚାଲିଥିବା ନାବାର୍ଡ୍-ଆର୍ ଆଇ ଡି ଏଫ୍, ପି.ଏମ୍. ଜନ୍‌ମନ୍, ପ୍ରଧାନ୍‌ମନ୍ତ୍ରୀ ଗ୍ରାମ୍ୟ ସଡ଼କ୍ ଯୋଜ୍‌ନା, କୋଠାବାଡ଼ି ଯୋଜ୍‌ନା ବାଗିର୍ କାର୍ଯ୍ୟକ୍ରମ୍‌ର ଅଗ୍ରଗତିର୍ ସମୀକ୍ଷା କରାଯାଇଛେ । ବିଭାଗ୍‌ର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଆଭାସୀ ଜରିଏ ଯୋଗ୍ ଦେଇକରି ନିର୍ମାଣ ଚାଲିଥିବା ପ୍ରକଳ୍ପମାନ୍‌କର୍ ଥିତି ଆଉ ଆନୁସଙ୍ଗିକ୍ ଦିଗ୍ ଉପ୍‌ରେ ଜନେଇଥିଲେ ।

କରୋନା ଏନ୍‌ଏସ୍‌ଡି

ଦେଶେ କରୋନା ସଂକ୍ରମିତଙ୍କର୍ ସଂଖ୍ୟା ୪ ହଜାର୍ ୮ ଶହ ୬୬ କେ ବଢ଼ିଛେ । ଗଲା ୨୪ ଘଂଟା ଭିତ୍‌ରେ ୫ ଶହ ନୁ ଅଏତ୍‌କା ସଂକ୍ରମିତଙ୍କୁ ଚିହ୍ନଟ୍ କରାଯାଇଛେ । ଇ ସମିଆଥି ୭ ଝନ୍‌କର୍ ଜୀବନ୍ ଯାଇଛେ । ମୃତକ୍ ମାନ୍‌କର୍ ଭିତ୍‌ରେ ୩ ଝନ୍ ମହାରାଷ୍ଟ୍ରର୍ ଥିଲା ବେଲେ ଦିଲ୍ଲୀ ଆଉ କର୍ଣ୍ଣାଟକ୍‌ର ୨ ଝନ୍ ଲେଖା ଅଛନ୍ ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଲୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

୧୧ ବଛର୍ ପୂର୍ତି-ପ୍ରଧାନ୍‌ମନ୍ତ୍ରୀ ଏନ୍‌ଏସ୍‌ଡି

କେନ୍ଦ୍ର ସର୍‌କାର୍ ଗରିବ୍ ମାନ୍‌କର୍ କଲ୍ୟାଣ୍ ଲାଗି ସମର୍ପିତ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଏନ୍‌ଡିଏ ସର୍‌କାର୍‌ର ୧୧ ବଛର୍ ପୂର୍ତି ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ନିଆଯାଇଥିବା ଯୁଗାନ୍ତକାରୀ ପଦକ୍ଷେପ୍ ଆଉ ଯୋଜ୍‌ନା ମାନ୍‌କର୍ ବାବ୍‌ଦେ ଆଲୋକପାତ କରିଛନ୍ । ଗରିବ୍ ମାନ୍‌କର୍ ବିକାଶ୍, ସେମାନ୍‌କର୍ ସଶକ୍ତିକରଣ୍, ଭିତିଭୂମିର୍ ବିକାଶ୍ ଆଉ ଅନ୍ତର୍ଭୁକ୍ତିକରଣ୍ ଦିଗେ କେନ୍ଦ୍ର ସର୍‌କାର୍ ନେଇଥିବା ପଦକ୍ଷେପ୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଦକ୍ଷତା ବିକାଶ ଆଉ ନିଯୁକ୍ତି କ୍ଷେତ୍ର        ଏନ୍‌ଏସ୍‌ଡି

ସେବା ସୁଶାସନ ଆଉ ଗରିବ କଲ୍ୟାଣ ନୀତି ଉପ୍‌ରେ ଭିନ୍ ଭିନ୍ କ୍ଷେତ୍ରଥି ଗଲା ଦଶନ୍ଧି ଭିତ୍‌ରେ ଦେଶର୍ ଉଲ୍ଲେଖନୀୟ ପରିବର୍ତ୍ତନ ହେଇଛେ । ଗଲା ୧୧ ବଛର୍ ଭିତ୍‌ରେ ସରକାରଙ୍କର୍ ତର୍‌ଫୁ ନିଆଯାଇଥିବା ପଦକ୍ଷେପ୍‌ମାନକର୍ ଉପ୍‌ରେ ଆକାଶବାଣୀ ସମ୍ବାଦ୍ ବିଭାଗ୍ ସ୍ୱତନ୍ତ୍ର ଉପସ୍ଥାପ୍‌ନା କରୁଛେ । ଆଏଜ୍ ଆମେ ଦକ୍ଷତା ବିକାଶ ଆଉ ନିଯୁକ୍ତି ଉପ୍‌ରେ ଆଲୋଚନା କର୍‌ମା । ଆଝିରର୍ ବିଷୟବସ୍ତୁ ହଉଛେ ଭାରତର ଅମୃତ ପିଢ଼ି ଆଉ ଯୁବବର୍ଗଙ୍କୁ ବର୍କସ୍ କର୍‌ବାର୍ । ଇ ବାବ୍‌ଦେ ଆକାଶବାଣୀ ସମ୍ବାଦ ବିଭାଗ୍‌ର ଗୁଟେ ଖାସ୍ ରିପୋର୍ଟ...

(ଭଏସ୍ ଓଭର୍)

*ଦେଶର ମୋଟ ଜନସଂଖ୍ୟାର୍ ପାଖାପାଖ୍ ୬୫ ପ୍ରତିଶତ୍ ୩୫ ବଛର୍‌ନୁ କମ୍ ବୟସର୍ ଯୁଆନ୍ ପିଢ଼ି ଅଛନ୍ । ଦକ୍ଷତା ଆଉ ଯୁବ ସଶକ୍ତିକରଣ୍ ହେଉଛେ ଭାରତ୍‌ର ଭବିଷ୍ୟତ୍‌ର ଚାବିକାଠି । ନିଯୁକ୍ତି ସୁଯୋଗ୍ ବନାବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ସବୁବେଲେ ଚେରେଷ୍ଟା ଜାରି ରହିଛେ । ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କର୍ ଭିତ୍‌ରେ ଚାକିରୀ ଲାଗି ତୟାରି ବର୍‌କସ୍ ହେଇଛେ । ୨୦୧୪ ମସିହାନୁ ଇଟା ୩୪ ପ୍ରତିଶତ୍ ଥିଲା ବେଲ୍‌କେ ୨୦୨୪ ମସିହାଥି ଇଟା ୫୧ ପ୍ରତିଶତ୍ ଟପିଛେ ।*

ପ୍ରଧାନ୍‌ମନ୍ତ୍ରୀ କୌଶଲ୍ ବିକାଶ୍ ଅଧୀନ୍‌ଥି ଗଲା ୧୦ ବଛର୍ ଭିତ୍‌ରେ ୧ କୋଟି ୬୩ ଲାଖ୍ ନୁ ଅଏତ୍‌କା ଯୁଆନ୍ ପିଲା ଟୁକେଲ୍ ତାଲିମ୍ ପାଇଛନ୍ ।

ଭାରତ୍ ଦକ୍ଷତା ମିଶନ୍ ଜରିଏ ଶିକ୍ଷ ଉପ୍‌ରେ ତାଲିମ୍ ଦିଆଯାଉଛେ । ଛୋଟ୍ ଆଉ ମଧମ୍ ଉଦ୍ୟୋଗ୍, ଷ୍ଟାଟଅପ୍ ଆର୍ ଉଦ୍ୟୋଗୀମାନ୍‌କର୍ ଲାଗି ଉନ୍ନତ ବୈଷୟିକ ଯନ୍ତ୍ରପାତି ଆଉ ପ୍ରଯୁକ୍ତି ବିଦ୍ୟାର୍ ସୁବିଧା ସହେତେ କାର୍ଯ୍ୟକ୍ଷେତ୍ରଥି ଉନ୍ନତ୍ ତାଲିମ୍ ବ୍ୟବସ୍ଥା ରହିଛେ । ନିଯୁକ୍ତି କ୍ଷେତ୍ରଥି ୨୦୨୨ ମସିହାନୁ ମୁଲ୍ ହେଇଥିବା ରୋଜ୍‌ଗାର୍ ମେଳା ଜରିଏ ୧୫ ଟା ଜାତୀୟ କାର୍ଯ୍ୟକ୍ରମ୍‌ଥି ପାଖାପାଖି ୧୦ ଲାଖ୍ ଯୁଆନ୍ ପିଲା ଟୁକେଲ୍ ମାନ୍‌କୁ ନିଯୁକ୍ତି ପତ୍ର ଦିଆଯାଇଛେ । ୨୦୧୭ ମସିହାନୁ ଏବ୍‌ତକ୍ ୮ କୋଟି ୫୦ ଲାଖ୍ ନୁ ଅଏତ୍‌କା ଲୋକ୍ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିଥି ଯୁଡ଼ି ହେଇଛନ୍ । ଇତାର୍‌ଭିତ୍‌ରେ ୨୦୨୦ ମସିହାନୁ ୩ କୋଟି ୪୫ ଲାଖ୍ ଯୁଆନ୍ ପିଲା ଟୁକେଲ୍ ରହିଛନ୍ । ମୁଦ୍ରା ଯୋଜ୍‌ନାର୍ ସରଲ୍ ଭାବେ ଋଣ ଦେଇକରି ଛୋଟ୍ ବ୍ୟବସାୟୀମାନ୍‌କୁ ତହଁକଉଛେ । ଇତାର୍ ଅଧୀନ୍‌ଥି ୬ କୋଟି ୬୭ ଲାଖ୍ ନୁ ଅଏତ୍‌କା ଋଣ ମଞ୍ଜୁର୍ କରାଯାଇଛେ । ଭାରତ୍ ଇହାଦେ ପୁର୍‌ଥିର୍ ୩ ନମ୍ବର୍ ସବୁନୁ ବଡ଼ ଷ୍ଟାଟଅପ୍ ଇକୋ ସିଷ୍ଟମ୍ ହେଇଛେ । ୨୦୧୬ ନୁ ଷ୍ଟାଟଅପ୍ ଇଣ୍ଡିଆ ପଦକ୍ଷେପ୍ ଜରିଏ ୧ ଲାଖ୍ ୫୯ ହଜାର୍ ନୁ ଅଏତ୍‌କା

*ଷ୍ଟାଟଅପ୍‌କେ ମାଏନ୍‌ତା ଦିଆଯାଇଛେ । ଇ କ୍ଷେତ୍ରଥି ୧୬ ଲାଖ୍‌ନୁ ଅଏତ୍‌କା ସିଧାସଲଖ୍ ନିଯୁକ୍ତି ସୁଯୋଗ୍ ବନାଯାଇଛେ । ୬୩ ହଜାର୍‌ନୁ ଅଏତ୍‌କା ଷ୍ଟାଟଅପ୍‌ଥି ଅତିକମ୍‌ରେ ଝନେ ଲେଖା ମହିଲା ନିର୍ଦ୍ଦେଶକ୍ ଅଛନ୍ । ଦକ୍ଷତା ବିକାଶ୍, ନିଯୁକ୍ତି ସୁଯୋଗ୍ ଆଉ ଉଦ୍ୟୋଗ୍ କ୍ଷେତ୍ର ମିଶିକରି ଦେଶର୍ ନୂଆଁ ପିଢ଼ିର୍ ଯାତ୍ରାକେ ଉଜ୍ୱଲ୍ ଭବିଷ୍ୟତ୍ ଆଡ୍‌କେ ନଉଛେ ।*

**୧୧ ବର୍ଷ ପୂର୍ତି କର୍ମଶାଳା** ବୌଦ୍ଧ ସମ୍ବାଦଦାତା

ବିକଶିତ୍ ଭାରତ୍‌ର ଅମୃତ୍ କାଲ୍ ଆଉ ଗରିବ୍ କଲ୍ୟାଣ୍ ଦିଗେ ୧୧ ବର୍ଷର୍ କେନ୍ଦ୍ର ସର୍‌କାର୍ ଆଉ ବଛର୍‌କର୍ ରାଜ୍ୟ ସର୍‌କାର୍ ବିଷେଥି ଗୁଟେ କର୍ମଶାଳା ଆଏଜ୍ ବୌଦ୍ଧ ଟାଉନ୍‌ହଲ୍ ଠାନେ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍, କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗଙ୍କର୍ ସହେତେ ଅନ୍ୟମାନେ ଯୋଗ୍ ଦେଇକରି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ସାଧାରଣ୍ ଲୁକ୍‌କର୍ ଲାଗି କରିଥିବା କାମ୍ ଆଉ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ବାବ୍‌ଦେ ଆଲୋଚନା କରିଛନ୍ ।

ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ୍ ଦିବସ୍
ସମ୍ବଲପୁର/ ନୂଆପଡ଼ା/ ବୌଦ୍ଧ/ ବର୍‌ଗଡ୍

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜାମ୍‌ପାଲି ନର୍ସରୀ ଠାନେ ବିଶ୍ୱ ପରିବେଶ୍ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ସବୁଜ ସମ୍ବଲ୍‌ପୁର୍ ମିଶନ୍‌ର ଶୁଭାରମ୍ଭ କରାଯାଇଛେ । ମିଶନ୍ ଜରିଏ ଜୁନ୍ ୫ ନୁ ଅଗଷ୍ଟ ୩୧ ଭିତ୍‌ରେ ମହାନଗର୍ ନିଗମ୍ ଇଲାକା ନ ଲାଖେ ଗଛ୍ ଲଗାବାର୍ ଲକ୍ଷ୍ୟ ରଖାଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ୍, ବନଖଣ୍ଡ ଅଧିକାରୀଙ୍କର୍ ସହେତେ ଜନପ୍ରତିନିଧି ଆଉ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବନଖଣ୍ଡ ତର୍‌ଫୁ ଖଡ଼ିଆଲ୍ ବ୍ଲକ୍ ଠାନେ ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ସଚେତନତା ଶୋଭାଯାତ୍ରା ହେଇଛେ । ଶୋଭାଯାତ୍ରାଥି ଅଧିକାରୀ ଆଉ କର୍ମଚାରୀମାନେ ପରିବେଶ୍ ସୁରକ୍ଷା ଦିଗେ ଲୁକ୍‌କୁ ସଚେତନ୍ କରିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ବନବିଭାଗ୍ ଆଉ ଭିନ୍ ଭିନ୍ ସାମାଜିକ୍ ଅନୁଷ୍ଠାନ୍ ତର୍‌ଫୁ ବିଶ୍ୱ ପରିବେଶ୍ ଦିବସ୍ ପାଲିତ୍ ହେଇଛେ । ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କର୍ ସଭାପତିତ୍ୱଥି ହେଇଥିବା ଜିଲ୍ଲାସ୍ତରୀୟ ପରିବେଶ୍ ଦିବସ୍ ସମାରୋହଥି ଆରକ୍ଷୀ ଅଧିକ୍ଷକ୍‌ଙ୍କର୍ ସହେତେ ଅଲ୍‌ଗା ଅଧିକାରୀମାନେ ଯୋଗ୍

ଦେଇକରି ଜଙ୍ଗଲ୍‌ର ସୁରକ୍ଷା ସହେତେ ପ୍ଲାଷ୍ଟିକ୍ ପ୍ରଦୂଷଣ୍ ବାବ୍‌ଦେ ସଚେତନ୍ କରିଥିଲେ । ସେନ୍ତା ଓଡ଼ିଶା ବନ ଉନ୍ନୟନ୍ ପରିଷଦ୍ ତର୍‌ଫୁ ଜିଲ୍ଲାର୍ ୪ ଟା ବନାଂଚଲ ନ ଭିଲ୍ ପରିବେଶ୍ ଦିବସ୍ ପାଲିତ୍ ହେଇଛେ ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ କୁଲାରିକୁଦ, ମୁର୍ଷୁଣ୍ଡି ପଡ଼ିଆ, ଟୁଟୁସିଙ୍ଗା ହାଇସ୍କୁଲ୍ ଠାନେ ଗଛ୍ ଲଗାଯାଇଛେ । ଜିଲ୍ଲାପାଲ୍‌ଙ୍କର୍ ସହେତେ ବନବିଭାଗ୍ ଅଧିକାରୀମାନେ ଯୋଗ୍ ଦେଇକରି ପରିବେଶ୍ ସଚେତନତା ବାର୍ତା ଦେଇଥିଲେ ।

ବର୍‌ଗଡ଼୍ ବନଖଣ୍ଡ ତର୍‌ଫୁ ହେଇଥିବା ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ୍ ଦିବସ୍ ସମାରୋହଥି ବିଜେପୁର୍ ବିଧାୟକ୍ ସନତ୍ ଗଡ଼୍‌ତିଆ ଯୋଗ୍ ଦେଇକରି ପ୍ରଦୂଷିତ୍ ପୁର୍‌ଥିର୍ ଭୟାବହତାକେ ନଜର୍‌ଥି ରଖିକରି ସବୁଜ ପରିବେଶ୍ ତିଆର୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ଜିଲ୍ଲାର୍ ୯ ଝନ୍ ପ୍ରକୃତିବନ୍ଧୁଙ୍କୁ ସମ୍ମାନିତ୍ କରାଯିବାର୍ ସହେତେ ବୃକ୍ଷରୋପଣ୍ କରାଯାଇଥିଲା ।

ପାରା ଏଥ୍‌ଲେଟିକ୍ ଗ୍ରାଣ୍ଡ ପିକ୍ସ         ଆର୍‌ଏନ୍‌ୟୁ/ ସମ୍ୱଲପୁର

ଫ୍ରାନ୍ସର ପେରିସ୍ ଠାନେ ଚାଲିଥିବା ପାରା ଏଥ୍‌ଲେଟିକ୍ ଗ୍ରାଣ୍ଡ ପିକ୍ସ-୨୦୨୫ ଥି ଓଡ଼ିଶାର୍ କ୍ରୀଡ଼ାବିତ୍ ସୁଚିତ୍ରା ପରିଡ଼ା ଫେର୍‌ଗୁଟେ ପଦକ୍ ଜିତିଛନ୍ । ମହିଳା ସଟ୍‌ପୁଟ୍ ଏଫ୍ -

୫୪/୫୫ ବର୍ଗରୁ ସୁଚିତ୍ରା କାଂସ୍ୟ ପଦକ୍ ଜିତିକରି ରାଜ୍ୟ ଆଉ ଦେଶର ଲାଗି ଗୌରବ୍ ଆନିଛନ୍ । ଗଲାକାଏଲ୍ ସୁଚିତ୍ରା ଜେଭେଲିନ୍ ଥ୍ରୋ ଖେଲ୍‌ରୁ ରୌପ୍ୟ ପଦକ୍ ଜିତିଛନ୍ ।